# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 July – 2026

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ୬ଟି ଜିଲ୍ଲାର ୪୪ଟି ବ୍ଲକର ୨୩୩ଟି ପଞ୍ଚାୟତ ପ୍ରଭାବିତ
- ସ୍ଥାନୀୟ ଜନଜାତି ଓ ସମ୍ପ୍ରଦାୟର ସହଭାଗିତାରେ ବାଘବଂଶଙ୍କ ଭବିଷ୍ୟତ ସୁରକ୍ଷାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ
- ପୁରୀ ଶ୍ରୀମନ୍ଦିରରେ ବନକଲାଗି ନୀତି ପାଇଁ ସନ୍ଧ୍ୟା ୬ଟାରୁ ୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ
- ଗୁରୁ ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ସହିତ ଶୈକ୍ଷିକ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ନେଇ ଆଜି ପାଳନ କରାଯାଉଛି ପବିତ୍ର ଗୁରୁ ପୂର୍ଣ୍ଣିମା

ଏବଂ

- ଆସନ୍ତା ମାସ ୧ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯିବ ଭିତରକନିକା ଜାତୀୟ ଉଦ୍ୟାନ

# ବନ୍ୟା ପରିସ୍ଥିତି

ଉତ୍ତର ଆଭ୍ୟନ୍ତରୀଣ ଓଡିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଗଭୀର ଅବପାତ କେନ୍ଦ୍ରୀଭୂତ ରହିଛି । ଏହା ବର୍ତ୍ତମାନ ଉତ୍ତର ଓଡିଶା, ଦକ୍ଷିଣ ଝାଡଖଣ୍ଡ ଏବଂ ଉତ୍ତର ଛତିଶଗଡ ଦେଇ ଗତି କରୁଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାକୁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଲଗାଣ ବର୍ଷା ଯୋଗୁଁ ୬ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୪୪ଟି ବ୍ଲକ ପ୍ରଭାବିତ ହୋଇଥିବା ନେଇ ଏସ୍.ଆର.ସି.ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବନ୍ୟାରେ ମୋଟ ୨୩୩ଟି ପଞ୍ଚାୟତର ୭୪୮ଟି ଗାଁ ପ୍ରଭାବିତ ହୋଇଛି। ୨ ଲକ୍ଷ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟରେ ୪୪ଟି ଅଗ୍ନିଶମ, ୧୩ଟି ଓଡ୍ରାଫ ଓ ୨ଟି ଏନ୍.ଡି.ଆର୍.ଏଫ୍. ଟିମ୍‌କୁ ମୁତୟନ କରାଯାଇ ପ୍ରାୟ ୨୮ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

ବନ୍ୟାପାଣିରେ ୭ ହଜାର ୯୦୦ ହେକ୍ଟର ଚାଷ ଜମି ନଷ୍ଟ ହୋଇଥିବାବେଳେ ୭୬୧ଟି ମାଟିଘର ଭାଙ୍ଗିଥିବା ପ୍ରାଥମିକ ଆକଳନରୁ ସୂଚନା ମିଳିଛି। ଢେଙ୍କାନାଳ ଜିଲ୍ଲାର ୪ ଜଣ ଓ କେନ୍ଦୁଝର ଜିଲ୍ଲାର ୩

ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ଏସ୍.ଆର୍.ସି.ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

ସ୍ଥିତିର ମୁକାବିଲା ଓ କ୍ଷୟକ୍ଷତି ଆକଳନ ପାଇଁ ଭୁବନେଶ୍ୱର ରାଜୀବ ଭବନଠାରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ କମିବା ସହିତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବଢ଼ିବ। ବନ୍ୟା ପ୍ରଭାବିତ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

**- V/O -**

ଗତ ୨୪ ଘଣ୍ଟାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଯାଇଛି । ବରଗଡ଼ ବିଜେପୁରରେ ସର୍ବାଧିକ ୩୧୫ ମିଲିମିଟର ବର୍ଷା, ବଲାଙ୍ଗୀର ଆଗଲପୁରରେ ୨୬୪, ସାଲେଭଟାରେ ୨୫୬ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଲଗାଣ ବର୍ଷା ଏବଂ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ବିଭିନ୍ନ ଜିଲ୍ଲାରେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବନ୍ଦ ଘୋଷଣା କରାଯାଇଛି । ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୬ ଦଶମିକ ୮/୭ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୯୨ ହଜାର ୮୫୫ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ଦୁଇଟି ଗେଟ୍ ଦେଇ ୬୪

ହଜାର ୪/୪ ଘନଫୁଟ ଜଳ ନିଷ୍କାସିତ ହେଉଛି । ମୁଣ୍ଡଳୀ ବ୍ୟାରେଜ ଦେଇ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ୯ ଲକ୍ଷ କ୍ୟୁସେକ ପାଣି ଛଡ଼ାଯିବ ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି ।

Naupada/Jajapur/Nabarangpur

## ବନ୍ୟାଜଳ

ଉପରମୁଣ୍ଡଳରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ଆଖୁଆପଦା, ବଲ୍ଲଭିଘାଟ ଓ ଦଶରଥପୁରରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଆଖୁଆପଦାଠାରେ ଜଳସ୍ତର ୨୦ ଦଶମିକ ୩/୪ ମିଟର ଥିବାବେଳେ ଏହାର ବିପଦ ସଂକେତ ୧୮ ଦଶମିକ ୩/୩ ମିଟର ରହିଛି । ଯାଜପୁର ଛତାବର–କଣାସ ନିକଟରେ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାଜପୁର–ଭଦ୍ରକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳବାସୀଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଉଛି ।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭଦ୍ରକ ଜିଲ୍ଲା  ଧାମନଗର ବ୍ଲକର ଦୋବଲ ସମେତ ଅନ୍ୟାନ୍ୟ ବନ୍ୟାଞ୍ଚଳ ଅନୁଧ୍ୟାନ କରି ବିପନ୍ନ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଛନ୍ତି ।

ଲଗାଣ ବର୍ଷା ଯୋଗୁଁ ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ବେହେଡ଼ା ନିକଟରେ ତେଲ୍ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ

ଉମରକୋଟ–ରାଇଘରକୁ ସଂଯୋଗ କରୁଥିବା ୪୦ ନମ୍ବର ରାଜ୍ୟ ରାଜପଥର ଅସ୍ଥାୟୀ ପୋଲ ଉପରେ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୋଲର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିବା ସହ ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହୋଇଛି।

ନୂଆପଡ଼ା ଜିଲ୍ଲାର ବୋଡେନ ଯୁଯୁଘାଟଠାରେ ସଡ଼କ ଉପରେ ୪ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। କାଣ୍ଡେତରରୁ ତରର୍ବୋଡକୁ ଯାତାୟାତ ବିଚ୍ଛିନ୍ନ ହୋଇଛି। ଘୁଡ଼ସର୍ ଓ ଜମନକଟା ଗାଁର ୨୦ ଜଣଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି।

Desk

## ଅଗ୍ନିଶକମ କର୍ମଚାରୀ ମୃତ୍ୟୁ

ବନ୍ୟାଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ କର୍ମଚାରୀ ଚନ୍ଦନ ପଟ୍ଟନାୟକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ଦୁଃଖପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

Desk

## ବ୍ୟାଘ୍ର ଦିବସ

ବାଘମାନଙ୍କ ସୁରକ୍ଷା ଓ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ସ୍ଥାନୀୟ ଜନଜାତି ଓ ସମ୍ପ୍ରଦାୟର ସହଭାଗିତାରେ ବାଘଙ୍କ ଭବିଷ୍ୟତର ସୁରକ୍ଷା।' ଦେଶରେ ବାଘବଂଶ ବୃଦ୍ଧି କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଗ୍ରହଣ କରାଯାଉଛି। ବନାଞ୍ଚଳର ସୁରକ୍ଷା, କ୍ୟାମେରା ଟ୍ରାପ, ଡ୍ରୋନ୍ ନିରୀକ୍ଷଣ, କୃତ୍ରିମ ବୁଦ୍ଧିମତା ଆଧାରିତ ମନିଟରିଂ ଏବଂ ସମୁଦାୟର ସହଭାଗିତା ଭଳି ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି। ୨୦୧୦ ମସିହାରେ ରୁଷରେ ଅନୁଷ୍ଠିତ ସେଣ୍ଟ ପିଟରସ୍‌ବର୍ଗ ବ୍ୟାଘ୍ର ସମ୍ମିଳନୀରେ ଆଜିର ଦିନକୁ ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭାରତରେ ବ୍ୟାଘ୍ର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଦେଶରେ ୩ ହଜାର ୬୮୨ଟି ବାଘ ରହିଛନ୍ତି ।  ଯାହା ବିଶ୍ୱର ମୋଟ୍ ବାଘ ସଂଖ୍ୟାର ୭୫ ପ୍ରତିଶତ। ଦେଶରେ ବର୍ତ୍ତମାନ ୫୮ଟି ଟାଇଗର ରିଜର୍ଭ ରହିଛି। ଯାହାର କ୍ଷେତ୍ରଫଳ ପ୍ରାୟ ୮୩ ହଜାର ବର୍ଗ କିଲୋମିଟର ହେବ ବୋଲି ଜଣାପଡ଼ିଛି।

ସଦ୍ୟତମ ସୂଚନା ଅନୁଯାୟୀ, ଓଡିଶାର ଶିମିଳପାଳରେ ୩୨ଟି ବାଘ ରହିଥିବାବେଳେ ମଧ୍ୟପ୍ରଦେଶରେ ସର୍ବାଧିକ ବାଘ ଅଛନ୍ତି। ଏ ସମ୍ପର୍କରେ

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚନ୍ଦ୍ର ଗୋଗିନିନୀ ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶାର ସମୃଦ୍ଧ ଜଙ୍ଗଲ ଏବଂ ବାଘମାନଙ୍କ ପାଇଁ ସୁରକ୍ଷିତ ବାସସ୍ଥାନ ସୃଷ୍ଟି କରିବା ସାମୂହିକ ଦାୟିତ୍ୱ। ବନ୍ୟଜନ୍ତୁ ସଂରକ୍ଷଣ, ପରିବେଶଗତ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ ଆଗାମୀ ପିଢ଼ି ପାଇଁ ଜୈବବିବିଧତାର ସୁରକ୍ଷା ନିମନ୍ତେ ସଂକଳ୍ପ ନେବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

Desk

# ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଆଷାଢ ଶୁକ୍ଳ ବ୍ୟାସପୂର୍ଣ୍ଣିମା ତିଥିରେ ଶ୍ରୀବିଗ୍ରହ ମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

Desk

# ଗୁରୁପୂର୍ଣ୍ଣିମା

ପବିତ୍ର ଆଷାଢ଼ ପୂର୍ଣ୍ଣିମାରେ ଆଜି ବ୍ୟାସପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ପାଳନ କରାଯାଉଛି। ଗୁରୁ ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ

ଶୈକ୍ଷିକ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖି ସମାଜକୁ ପ୍ରେରିତ କରିବା ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନେ ଆଜି ଗୁରୁପୂର୍ଣ୍ଣିମାକୁ ମହା ଆଡମ୍ବରରେ ପାଳନ କରୁଛନ୍ତି। ଯୋଗୀ ପରମ୍ପରା ଅନୁସାରେ ଭଗବାନ ଶିବ ପ୍ରଥମ ଗୁରୁ କିନ୍ତୁ ହିନ୍ଦୁ ଋଷି ସାଧୁସନ୍ଥମାନେ ବ୍ୟାସଦେବଙ୍କୁ ଗୁରୁ ଭାବେ ପୂଜା କରିଥାନ୍ତି। ଗୁରୁପୂର୍ଣ୍ଣିମା ହେଉଛି ଶିକ୍ଷା, ଜ୍ଞାନ ଆହରଣ ଏବଂ କୃତଜ୍ଞତା ପ୍ରକାଶ କରିବାର ପର୍ବ। ଶିଷ୍ୟଙ୍କ ଜୀବନ ଗଢ଼ିବାରେ ଗୁରୁଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଶିଷ୍ୟଙ୍କ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଗୁରୁ ଉଲ୍ଲେଖନୀୟ ମାର୍ଗଦର୍ଶନ କରିଥାନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁପୂର୍ଣ୍ଣିମାର ପବିତ୍ର ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଗୁରୁମାନେ ଶିଷ୍ୟମାନଙ୍କୁ ବିଚାର ଏବଂ ଉତ୍ତମ ମୂଲ୍ୟବୋଧ ସହିତ ସକାରାତ୍ମକ ଶକ୍ତି ପ୍ରଦାନ କରିଥାନ୍ତି। ଗୁରୁଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସନାତନ ସଂସ୍କୃତି ଓ ସମୃଦ୍ଧ ଋଷି ପରମ୍ପରାରେ ଗୁରୁମାନେ ତ୍ୟାଗ, ସଂସ୍କାର ଏବଂ ରାଷ୍ଟ୍ର ନିର୍ମାଣର ପ୍ରତୀକ। ଜ୍ଞାନ, ଧର୍ମ, କର୍ତ୍ତବ୍ୟବୋଧ ଏବଂ ମାତୃଭୂମି ସେବାରେ ପଥପ୍ରଦର୍ଶନ କରୁଥିବା ସମସ୍ତ ଶିକ୍ଷା, ଦୀକ୍ଷା ଓ କର୍ମଗୁରୁଙ୍କୁ ସେ ପ୍ରଣାମ ଜଣାଇଛନ୍ତି।

Desk

# ଖୋଲିବ ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ମାସ ୧ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବା ନେଇ ରାଜନଗର ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ ପରିବେଶ ଅନୁକୂଳ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ପ୍ରକାରର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ ବୋଟ୍ ଲାଇବ୍ରେରୀରେ ବିଭିନ୍ନ ଜୀବଜନ୍ତୁ, ପରିବେଶ ଓ ପ୍ରକୃତି ସମ୍ପର୍କିତ ପୁସ୍ତକ ପଢ଼ିବାର ସୁଯୋଗ ପାଇବା ସହ ସଂଗ୍ରହାଳୟ ବୁଲି ଦେଖିପାରିବେ। ଡାଙ୍ଗମାଳରେ ୬ଟି ଏବଂ ଗୁପ୍ତିରେ ୪ଟି ଫାଇବର ବୋଟ୍‌ରେ ପର୍ଯ୍ୟଟକମାନେ ଭ୍ରମଣ କରି ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। କୁମ୍ଭୀରଙ୍କ ପ୍ରଜନନ ପାଇଁ ମେ’ ମାସ ୧ ତାରିଖରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରଖାଯାଇଛି।